ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଏପ୍ରିଲ ୧୭/୨୦୧୯ Rayagada, Wednesday, April 17/ 2019

# ମାଲକାନଗିରି ଜିଲାରେ ପେଟ୍ରୋଲ ଅଭାବ



ପେଟ୍ରୋଲ ପମ୍ପରେ ଭିଡ ଲାଗି ରହିଛି ।

**ମାଲକାନଗିରି,୧୬।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ପ୍ରାୟ ୧୫ଟି ପେଟ୍ରୋଲ ପମ୍ପରେ ମତଦାନ ପୂର୍ବରୁ ପ୍ରଚୁର ପରିମାଣରେ ପେଟ୍ରୋଲ ଏବଂ ଡିଜେଲ ମିଳୁଥିଲା। ବାଇକ୍ ଶୋଭାଯାତ୍ରା ହେଉ ଅବା ସାଧାରଣ ବ୍ୟବହାର ପାଇଁ ହେଉ ଏହା ମିଳୁଥିଲା। ମାତ୍ର ୧୧ ତାରିଖ ନିର୍ବାଚନ ପାଇଁ ମତଦାନ ସରିବା ପରେ ଜିଲାର ଅଧିକାଂଶ ପେଟ୍ରୋଲ ପମ୍ପରେ ପେଟ୍ରୋଲ ମିଳୁନାହିଁ। ମାଲକାନଗିରି ସଦର ମହକୁମାସ୍ଥିତ ଏକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ମିଳୁଥିବାରୁ ସେଠାରେ ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରବଳ ଭିଡ ହେଉଛି। ପ୍ରବଳ ଖରା ସତ୍ତ୍ୱେ ଗାଡି ଚାଳକମାନେ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପାଇଁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ପଚାରିବା ପାଇଁ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବ

**ରାଇଘର, ୧୬।୪(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାରାସ୍ଥିତ ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ତହସିଲଦାର ଦେବୀ ପ୍ରସାଦ ଟାଲି ମୁଖ୍ୟ ଅତିଥି ଓ ପ୍ରଦୀପ ଦାସ ମୁଖ୍ୟବକ୍ତାଭାବେ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଦଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଷଷ୍ଠ ଶ୍ରେଣୀ ଛାତ୍ରୀ ପ୍ରଗତି ସିଂ ୯୬ ପ୍ରତିଶତ ରଖିଥିବାରୁ ତାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଷ୍ଟୁଡେଣ୍ଟ ଅଫ୍ ଦି ଇଅର ଭାବେ ସତ୍ୟମ ସିଂ ରାଜପୁତଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିକୁନ ଦାସ, ଦିବେନ୍ଦୁ ଚିନ୍ଦ୍ରା ଓ ପ୍ରଶନ୍ନ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ଗଙ୍ଗାଧର ସାହୁ ମଞ୍ଚ ପରିଚାଳନା କରିଥିଲେ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ■ ଚିତ୍ରକୋଣ୍ଡା ଡାଏଟର ବାର୍ଷିକଉତ୍ସବ

# ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଗୁଣାବଳୀର ବିକାଶ ଉପରେ ଗୁରୁତ୍ୱ

**ଚିତ୍ରକୋଣ୍ଡା,୧୬।୪(ଡି.ଏନ.ଏ.)**

ଚିତ୍ରକୋଣ୍ଡା ସହରସ୍ଥିତ ଡାଏଟର ୧୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଶୈଳରାଜ ଏମଜିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିକ୍ରମଦେବ ମହାବିଦ୍ୟାଳୟର ସତ୍ୟଜିତ ବରାଳ, ମୁଖ୍ୟବକ୍ତା ଭାବେ ମାଲକାନଗିରି ସରକାରୀ ପଲିଟେକନିକ ମହାବିଦ୍ୟାଳୟର ଅମିତ କୁମାର ତିର୍କି ଏବଂ ସମ୍ମାନିତ ଅତିଥି ଭାବରେ ସମାଜସେବୀ ଦେବେନ୍ଦ୍ର ଦାସ ଯୋଗ ଦେଇଥିଲେ। ଗୁରୁ ଓ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ପୂର୍ବକ ଶିକ୍ଷାନୁଷ୍ଠାନରେ ଉତ୍ତମ ଶୈକ୍ଷିକ ବାତାବରଣ ରହିଲେ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇପାରିବ। ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ୍ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡା ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତ,ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ମାନସ ରଞ୍ଜନ ସାହୁ, ଦୀନବନ୍ଧୁ ହାଲୁଆ, ଅନିତା ମଲିକ ଓ ହେମନ୍ତ ଦଳପତି ପରିଚାଳନା କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

